RAISING AWARENESS OF DEVELOPMENTAL LANGUAGE DISORDER

**ବିକାଶାତ୍ମକ ଭାଷା ବିକାର (ଡିଏଲଡି)**
**ସବିଶେଷ ତଥ୍ୟ ପତ୍ର**

**ବିକାଶାତ୍ମକ ଭାଷା ବିକାର (ଡିଏଲଡି) ବିଷୟରେ ଆପଣମାନେ ନିମ୍ନୋକ୍ତ ତିନୋଟି କଥା ଜାଣିବା ଉଚିତ।**

୧) ଜେତେବେଳେ କୌଣସି ପିଲା ବା ବୟସ୍କ ବ୍ୟକ୍ତି କଥା କହିବାରେ କିମ୍ବା ବୁଝିବାରେ ଅସର୍ମଥ ବା କଷ୍ଟ ଅନୁଭବ କରେ ସେପରି ଅବସ୍ଥାକୁ ଡିଏଲଡି କୁହାଯାଏ।

୨) ଡିଏଲଡି ଏକ ଲୁକାୟିତ ବିକଳାଂଗତା ଯାହା ପ୍ରାୟ ୧୪ ଜଣଙ୍କ ମଧ୍ୟରୁ ଜଣକୁ ପ୍ରଭାବିତ କରିଥାଏ। ଏହାଦ୍ବାରା ପିଲାର ସାକ୍ଷରତା, ସିଖିବାର କ୍ଷମତା, ମିତ୍ରତା ଏବଂ ଭାବନାତ୍ମକ ବିକାସ ପ୍ରଭାବିତ ହୋଇଥାଏ।

୩) ବାକ୍-ଭାଷା ଚିକିତ୍ସକ ଏବଂ ଶିକ୍ଷକ ପରି ପେଶାଦାରଙ୍କ ସାହାଯ୍ୟ ଏଥିରେ ଏକ ବାସ୍ତବିକ ପରିବର୍ତ୍ତନ ଆଣି ପାରିବ।

**ଡିଏଲଡି: ରୋଗ ନିର୍ଣ୍ଣାୟକ ଶବ୍ଦାବଳୀ, ଆବୃତ୍ତି, କାରଣ**

- **ଶବ୍ଦାବଳୀ ଉପରେ ସହମତି:** ନୈଦାନିକ ପାରିଭାଷିକ ଶବ୍ଦ 'ଡେଭଲପ୍‌ମେଣ୍ଟାଲ ଲାଂଗୁଏଜ୍ ଡିର୍ସଅଡର' (DEVELOPMENTAL LANGUAGE DISORDER) ର ଉପଯୋଗ ଉପରେ ବିଚାର-ବିମର୍ଶ ଏବଂ ଏହି ବିଷୟରେ ସହମତି କିପରି ପହଂଚିଛି ତାହା ପ୍ରକାଶିତ କରାଯାଇଛି (ବିଶପ୍ ଏବଂ ଅନ୍ୟମାନେ, ୨୦୧୬; ୨୦୧୭)।

- **ଆବୃତ୍ତି (FREQUENCY):** ଡିଏଲଡି ୧୪ ଜଣ ପିଲାଙ୍କ ମଧ୍ୟରୁ ପ୍ରାୟ ଜଣକୁ ପ୍ରଭାବିତ କରିଥାଏ। ଇଂଲଣ୍ଡରେ ସାମ୍ପ୍ରତିକ ଏପିଡେମିଓଲଜିକାଲ-SCALES-ଗବେଷଣାରୁ ଜଣା ପଡିଛି କି ଶତକଡା ୭.୫ ଭାଗ ପିଲାଙ୍କୁ ଅନ୍ୟ କୌଣସି ସମ୍ବନ୍ଧିତ ରୋଗ ବିନା ଡିଏଲଡି ଥିଲା।

- **କାରଣ:** ଡିଏଲଡି ବଂଶାନୁକ୍ରମିକ ହୋଇପାରେ। ଯମଯଙ୍କ ଉପରେ ହୋଇଥିବା ଗବେଷଣାରୁ ଜଣାପଡିଛି କି ଡିଏଲଡି ଉପରେ ଜେନେଟିକ୍‌ର ଦୃଢ ପ୍ରଭାବ ଥାଏ। କିନ୍ତୁ ଏହା ଏକ ନିର୍ଦ୍ଧିଷ୍ଟ ମୌଳିକ ଜୈବ ପରିବର୍ତ୍ତନ ଯୋଗୁଁ ନହୋଇ ଅନେକ ଜିନ୍‌ର ସଂଯୁକ୍ତ ପ୍ରଭାବରୁ ହୋଇଥାଏ (ବିଶପ୍, ୨୦୦୬)। 'ଯେଉଁ ମାତା-ପିତା ପିଲାଙ୍କ ସହିତ କଥାବାର୍ତ୍ତା କରନ୍ତି ନାହିଁ, ସେମାନଙ୍କୁ ଯେ ଡିଏଲଡି େହୋଇଥାଏ' ଏହି ଜନପ୍ରିୟ ବିଚାର ପାଇଁ କୌଣସି ପରିକ୍ଷାସିଦ୍ଧ ପ୍ରମାଣ ନାହିଁ।

- **ସ୍ନାୟବିକ ଜୀବ ବିଜ୍ଞାନ (NEUROBIOLOGY):** ଅଧିକାଂଶ କ୍ଷେତ୍ରରେ ମସ୍ତିଷ୍କ କ୍ଷତିର କୌଣସି ପ୍ରମାଣ ନାହିଁ; ମସତିଷ୍କର ବିଭିନ୍ନ କ୍ଷେତ୍ରର ଆକାର ଓ ଗ୍ରେ ପଦାର୍ଥର ଅଂଶରେ ସୂକ୍ଷମ ଅନ୍ତର ହୋଇପାରେ, କିନ୍ତୁ ଏହା ପିଲାଙ୍କ ମଧ୍ୟରେ ଅସାମଞ୍ଜସ୍ୟ ହୋଇଥାଏ। ଏପର୍ଯ୍ୟନ୍ତ ଡିଏଲଡି ପାଇଁ କୌଣସି 'ବାଇଓର୍ମାକର' ଜଣା ନାହିଁ (ଲିଓର୍ନାଡ ଏବଂ ଅନ୍ୟମାନେ, ୨୦୦୬)।

**ଡିଏଲଡି: ସଂବଧିତ କଠିନତା ଗୁଡିକ**

- **ଅନ୍ୟ ସ୍ଥିତିମାନଙ୍କ ସହିତ ସଂବଧ:** ଡିଏଲଡି ସାଧାରଣତଃ ଏଡିଏଚଡି ଏବଂ ଡିସ୍ଲେକ୍‌ସିୟା ସହିତ ଦେଖାଯାଏ। ଲଘୁ ଅଟିଜିମ୍ ଏବଂ ଡିଏଲଡି ମଧ୍ୟରେ ଥିବା ସର୍ମ୍ପକ ଉପରେ ବହୁତ ବିଚାର-ବିର୍ମଷ ହୋଇଛି (ବିଶପ୍, ୨୦୦୮)। ଅନେକ ପିଲାଙ୍କୁ ଅଟିଜିମ୍‌ରେ ହେଉଥିବା ସାମାଜିକ ସମସ୍ୟା ହୋଇନଥାଏ, କିନ୍ତୁ କେତେ ଜଣଙ୍କ ମଧ୍ୟରେ ସାମାନ୍ୟ ଅଟିଜିମ୍‌ର ଲକ୍ଷଣ ପରିଦୃଷ୍ଟ ହୁଏ। ଯାହାହେଲେ ମଧ୍ୟ, ଅଟିଜିମ୍ ବନାମ ଡିଏଲଡି ପ୍ରଭାବିତ ପିଲାମାନଙ୍କ ପାଇଁ ଉପଲବ୍ଧ ସହାୟତାରେ ଏକ ବିଶେଷ ତଫାଡ୍ ଅଛି। ଏହି ତଫାଡ୍ ଅଭିରତ ଭାବରେ ପରିଣତ ବୟସ ପର୍ଯ୍ୟନ୍ତ ରହିଥାଏ, ଯେଉଠି ଡିସ୍ଲେକ୍‌ସିୟା ଏବଂ ଅଟିଜିମ୍ ବିକଳାଂଗତା ଭାବେ ପରିଚିତ, ସେଇଠି ଡିଏଲଡି ବିଷୟରେ କମ ସଚେତନତା ଦେଖାଯାଏ।

- **ସାକ୍ଷରତା ଏବଂ ବିଦ୍ୟା ସଂବଧିତ ସାଫଲ୍ୟ:** ଡିଏଲଡି ଏବଂ ଡିସ୍ଲେକ୍‌ସିୟା ମଧ୍ୟରେ ଘନିଷ୍ଠ ସଂପର୍କ ରହିଛି (ବିଶପ୍ ଏବଂ ସ୍ନୋଲିଙ୍ଗ୍, ୨୦୦୪)। ଡିଏଲଡି ଯୁକ୍ତ ବହୁ ପିଲା ଡିସ୍ଲେକ୍‌ସିୟାର ମାନଦଣ୍ଡ ପୂର୍ଣ କରିଥାନ୍ତି (ମାକ୍‌ଆର୍ଥର ଏବଂ ଅନ୍ୟମାନେ, ୨୦୦୦)। ଅନେକ ସମୟରେ ପିଲାଟି ଉଚ୍ଚସ୍ବରରେ ଠିକ୍ ଭାବେ ପଢିପାରିଲେ ମଧ୍ୟ ଯାହା ପଢିଥାଏ ତାହା, ତାକୁ ବୁଝିବାରେ ଅସୁବିଧା ହୁଏ (ସ୍ନୋଥାର୍ଡ ଏବଂ ଅନ୍ୟମାନେ, ୨୦୧୦)। ଏହି ସମସ୍ୟାଗୁଡିକୁ ଅଧିକାଂଶ ସମୟରେ ଉପେକ୍ଷା କରାଯାଏ ଏବଂ ଏହି ଅସମର୍ଥାକୁ ଶିକ୍ଷକମାନେ ଦୁଷ୍ଟାମି ବା ଅମନଯୋଗିତା ଭାବେ ଭୁଲ ବ୍ୟାଖ୍ୟା କରିଥାନ୍ତି। ଶିଷକମାନଙ୍କୁ ତାଲିମ ଦେବାବେଳେ ଡିଏଲଡି ବିଷୟରେ ଶିକ୍ଷା ଦିଆ ଯାଇନଥାଏ।

- **ସାଙ୍ଗମାନଙ୍କ ସହିତ ସାମାଜିକ କଠିନତା:** ନିଜକୁ ଅନର୍ଗଳ ଭାବରେ ବ୍ୟକ୍ତ କରିପାରିବାରେ ସକ୍ଷମ ହେବା ଏବଂ ଅନ୍ୟର କଥା ସହଜରେ ବୁଝିପାରିବା ସାମାଜିକ ସମ୍ବନ୍ଧ ଉପରେ ଏକ ବଡ ପ୍ରଭାବ ପକାଇଥାଏ। ମାନ୍‌ଚେଷ୍ଟର ଭାଷା ଗବେସଣାରୁ ଜଣାପଡିଛି କି ଡିଏଲଡି ଥିବା ୪୦ ପ୍ରତିଶତ ଜଣକୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା କରିବାରେ ଅସୁବିଧା ହୋଇଥାଏ (ସେଣ୍ଟ କ୍ଲେୟାର, ପିକଲସ୍, ଡରକିନ୍ ଏବଂ କନ୍ଟି-ରାମ୍ସଡେନ୍, ୨୦୧୧), ୫୦ ପ୍ରତିଶତ ୧୬ ବର୍ଷ ବୟସ ପିଲା ମନେ ପକାଇଥାଆନ୍ତି କି ସେମାନଙ୍କୁ ଛୋଟବେଳେ ଭୟଭୀତ କରାଯାଇଥିଲା (ସାଧାରଣ ବିକାଶୀଳ ୨୫ ପ୍ରତିଶତରୁ କମ୍ ପିଲାମାନକଙ୍କ ତୁଳନାରେ) ଏବଂ ୧୩ ପ୍ରତିଶତ ପିଲା ଅବିରତ ଭାବେ ଛୋଟବେଳଠୁ ଭୟ ଅନୁଭବ କରିଥାଆନ୍ତି (ନକ୍ସ ଏବଂ କନ୍ଟି-ରାମ୍ସଡେନ୍, ୨୦୦୩)। ପ୍ରାପ୍ତବୟସ୍କ ଏବଂ ସାଙ୍ଗମାନେ ଡିଏଲଡି ବିଷୟରେ ଅଧିକ ସଚେତନ ହେଲେ ଏହି ନକାରାତ୍ମକ ଭାବକୁ ପରିହାର କରାଯାଇପାରିବ।

## ଡିଏଲଡି: ରୋଜଗାର ଏବଂ ମାନସିକ ସ୍ୱାସ୍ଥ୍ୟ

- **ରୋଜଗାର:** ଡିଏଲଡିକୁ ଗମ୍ଭୀରତା ସହିତ ନେବା ଦରକାର କାରଣ ଏହା ପ୍ରାପ୍ତବୟସ୍କଙ୍କ ମଧ୍ୟରେ ବେରୋଜଗାରି ଅଧିକ କରିବା ସହିତ ସ୍ୱାଧୀନତାରେ ସମସ୍ୟା ସୃଷ୍ଟି କରେ (କନ୍ଟି-ରାମ୍ସଡେନ୍ ଏବଂ ଡରକିନ୍, ୨୦୦୮)। ଯାହାହେଲେ ମଧ୍ୟ ଯେଉଁମାନଙ୍କର ଅଳ୍ପ ସମସ୍ୟା ରହିଥାଏ ସେମାନେ ବହୁ ସମୟରେ କର୍ମ ନିଯୁକ୍ତ ହୋଇଥାନ୍ତି, କିନ୍ତୁ ଏହି କର୍ମଗୁଡିକ ଅଣକୁଶଳୀ ପ୍ରକୃତିର ହୋଇଥାଏ (ଵାଇଟ୍‌ହାଉସ୍ ଏବଂ ଅନ୍ୟମାନେ, ୨୦୦୯)। ବିଦ୍ୟାଳୟରେ ଡିଏଲଡିର ଅଧିକତର ଭଲ ଭାବରେ ଚିହ୍ନଟ ହେଲେ ପିଲାମାନଙ୍କର ବିଭିନ୍ନ କୌଶଳ କ୍ଷେତ୍ରର ବିକାଶକୁ ବଢାଇବା ପାଇଁ ସାହାଯ୍ୟ ମିଳିବ, ତାହାଲେ ଯଦି ସେମାନେ ପାରମ୍ପାରିକ ପରିକ୍ଷାରେ ଭଲ ପ୍ରଦର୍ଶନ ନ କରିନ୍ତି ତାଙ୍କୁ ଉପେକ୍ଷା କରାଯିବ ନାହିଁ।
- **ମାନସିକ ସ୍ୱାସ୍ଥ୍ୟ:** ଅଳ୍ପ ଡିଏଲଡି ଥିବା ପିଲାମାନେ କମ୍ ମାନସିକ କଠିନତା ଦେଖାଇଥାନ୍ତି। ଅପରପକ୍ଷରେ ଦୁଇତୃତିୟାଂଶ ପିଲା (୬୪ ପ୍ରତିଶତ) ଯେଉଁମାନଙ୍କ ମଧ୍ୟରେ ଅବିରତ ଭାଷା ବିକୃତି ଦେଖାଯାଏ, ସେମାନେ କିଛି ବାହ୍ୟ (ଯଥା: ଆଚରଣ ସମସ୍ୟା, ଆକ୍ରମଣାତ୍ମକ ଭାବ, ଅନ୍ୟ ପିଲାଙ୍କ ସହିତ ଯୁଦ୍ଧ) ଏବଂ/କିମ୍ବା ଆନ୍ତରିକ (ଯଥା: ନିଲିର୍ପ୍ତତା, ଏକାନ୍ତ, ଏକୁଟିଆ ଖେଳିବା ଭାବ) ବ୍ୟବହାରରେ କଠିନତା ଦେଖେଇଥାନ୍ତି (କନ୍ଟି-ରାମ୍ସଡେନ୍ ଏବଂ ବୋଟିଂ, ୨୦୦୪)। ଭାଗ୍ୟଦଶତଃ ଏହି କଠିନତାଗୁଡିକ ପ୍ରାପ୍ତବୟସ୍କ ଅବସ୍ଥାରେ ଚାଲିଯାଏ (ସେଣ୍ଟ କ୍ଲେୟାର ଏବଂ ଅନ୍ୟମାନେ, ୨୦୧୧), ତଥାପି ଡିଏଲଡି ଥିବା କିଶୋରମାନେ ମାନସିକ ଅବସାଦର ଶିକାର ହୋଇଥିବା ବିଷୟରେ ରିର୍ପୋଟ କରିଥାଆନ୍ତି, ଯାହା ସେମାନଙ୍କର ବିକାଶଶୀଳ ସାଙ୍ଗମାନଙ୍କ ତୁଳନାରେ ଅତେଇଗୁଣ ଅଦିକ (କନ୍ଟି-ରାମ୍ସଡେନ୍ ଏବଂ ବୋଟିଂ, ୨୦୦୪)। ପିଲାମାନଙ୍କ ମଧ୍ୟରେ ଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରାୟ 'ଟଅକିଂଗ ଥେରାପି' ଚିକିତ୍ସାର ବ୍ୟବହାର କରାଯାଏ, ଯାହାକି ଡିଏଲଡି ଥିବା ପିଲାମାନଙ୍କ ପାଇଁ ଉପଯୁକ୍ତ ହୋଇ ନ ପାରେ।

## ଡିଏଲଡି: ହସ୍ତକ୍ଷେପ (ଚିକିତ୍ସା)

- **ହସ୍ତକ୍ଷେପ:** ହସ୍ତକ୍ଷେପ ପ୍ରଭାବଶାଳୀ ହେବାପାଇଁ ସେଗୁଡିକ ଉଚ୍ଚ ସଂପନ୍ନ ଓ ଅଧିକ ଅବଧିଯୁକ୍ତ ହେବା ଦରକାର-ବହୁ ସଂଖ୍ୟାରେ ଆଶାଜନକ ହସ୍ତକ୍ଷେପର ବିକାସ କରାଯାଉଛି (ଲ ଏବଂ ଅନ୍ୟମାନେ, ୨୦୧୫)। ପ୍ରକୃତରେ, ବିଦ୍ୟାଳୟମାନଙ୍କରେ ହୋଇଥିବା ବଳିଷ୍ଠ ନିୟନ୍ତ୍ରିତ ଗବେଷଣାରୁ ଦେଖାଯାଇଛି ଯେ ପ୍ରଶିକ୍ଷଣ ଓ ସମର୍ଥ ଶିକ୍ଷା ସହାୟକମାନଙ୍କ ଦ୍ବାରା ଦିଆ ଯାଇଥିବା ହସ୍ତକ୍ଷେପଗୁଡିକ ଭାଷା (ଫ୍ରିକେ ଏବଂ ଅନ୍ୟମାନେ, ୨୦୧୩; ୨୦୧୭) ଏବଂ ସାକ୍ଷରତାରେ (ବୋୟର-କ୍ରେନ୍ ଏବଂ ଅନ୍ୟମାନେ, ୨୦୦୮) ମହତ୍ବପୂର୍ଣ୍ଣ ଲାଭ ଆଣିପାରିବ। କିଛି ସମସ୍ୟାଗୁଡିକ ହସ୍ତକ୍ଷେପ ପରେ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ ଦେଖାଯାଇଥାଏ, ସେଥିପାଇଁ କେତେକ ପିଲା ଅପେକ୍ଷାକୃତ ସମୟ ପର୍ଯ୍ୟନ୍ତ ସାହାଯ୍ୟ ଦରକାର କରିଥାନ୍ତି (ବଏଲ ଏବଂ ଅନ୍ୟମାନେ, ୨୦୧୦)। ଗବେଷଣାରୁ ଜଣାପଡିଛି ଯେହୁଁ ପିଲାମାନଙ୍କୁ ଭାଷା ବୁଝିବାରେ କଷ୍ଟ ହୁଏ, ସେମାନଙ୍କୁ ଚିକିତ୍ସା ଦେଲାବେଳେ କଠିନତା ହୋଇଥାଏ।

## ଡିଏଲଡି: ସାବର୍ଜନିକ ମାନ୍ୟତା ଏବଂ RADLD ଅଭିଯାନ

- **ଇତିହାସ ଏବଂ ଶବ୍ଦାବଳୀ:** ପ୍ରାୟ ୨୦୦ ବର୍ଷରୁ ପିଲାମାନଙ୍କର ଭାଷା ଜଡିତ ସମସ୍ୟାଗୁଡିକ ବିଷୟରେ ବର୍ଣନା କରାଯାଉଛି (ଗଲ, ୧୮୨୨)। ମୁଳଶବ୍ଦ 'ଡେଭଲପ୍‌ମେଣ୍ଟାଲ ଅଫେଜିଆ' ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଗବେଶଣା ଏବଂ ଅଭ୍ୟାସରେ କେତେକ ଭିନ୍ନ-ଭିନ୍ନ ଶବ୍ଦଗୁଡିକ ପ୍ରୟୋଗ କରାଯାଇଛି (ବିଶିଷ୍ଟ ଭାଷା ହାନି, ପ୍ରାଥମିକ ଭାଷା କଠିନତା) (ଡକ୍ରେଲ, ୨୦୦୬)। ବିକାଶାତ୍ମକ ଭାଷା ବିକାର ଶବ୍ଦ ବିଗତ କେତେ ବର୍ଷ ହେଲା ପ୍ରଚଳିତ ଅଛି, କିନ୍ତୁ ୨୦୧୭ରେ ପ୍ରକାଶିତ ନୂତନ ସୁପାରିଶରେ ଏହି ଶବ୍ଦାବଳିର ଉପଯୋଗ କିପରି ଭାବେ କରାଯିବା ଉଚିତ୍ ତାହା ବିଷୟରେ ସ୍ପଷ୍ଟ ଦିଶା-ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହାକୁ ଅନ୍ୟ ଶବ୍ଦାବଳୀ ଠାରୁ କାହିଁକି ପସନ୍ଦଯୋଗ୍ୟ କରାଯାଇଛି ତାହା ବିଷୟରେ ବୁଝାଯାଇଛି।
- **ଡିଏଲଡିର ସାବର୍ଜନିକ ମାନ୍ୟତାରେ ଉନ୍ନତିର ଆବଶ୍ୟକତା:** ବର୍ତ୍ତମାନ ଡିଏଲଡି ବିଷୟରେ ସାବର୍ଜନିକ ସଚେତନତା କମ୍ ଅଛି। ଡିଏଲଡିର ଆବୃତି ଏବଂ ଗମ୍ଭୀରତା ତୁଳନାରେ ଗବେଶଣା କମ୍ କରାଯାଇଛି (ବିଶପ୍, ୨୦୧୦)। ୟ୍ୟୁଟୁବ୍ ଚ୍ୟାନେଲ୍, ୱେବ୍ସାଇଟ ଓ ସହାୟକ ବିଷୟବସ୍ତୁ ମାଧ୍ୟମ ଦ୍ବାରା RADLD (ପୁର୍ବରେ RALLI) ଅଭିଯାନ ଡିଏଲଡି ଜଡିତ ମହତ୍ୱର୍ପୂଣ୍ଣ ତଥ୍ୟ ବିଷୟରେ ସଚେତନତା ଜାରି ରଖିଛି।